ALOCHANA
ସମାଲୋଚନା
ପ୍ର ସ ଙ୍ଗ ନା ରୀ
ତୃତୀୟ ବର୍ଷ, ପଞ୍ଚମ ସଂଖ୍ୟା | ସେପ୍ଟେମ୍ବର-ଅକ୍ଟୋବର ୨୦୨୫
Volume No. 03 | Issue No. 05 | Sep-Oct 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ନାରୀରୁ ନିର୍ବାଣ: ଚର୍ଯ୍ୟାପଦର ଚିତ୍ରଲିପି

**ଡ. ବିଜୟଲକ୍ଷ୍ମୀ ଦାଶ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

**ମୂଳଶବ୍ଦ:** ଉପନ୍ୟାସ ସାହିତ୍ୟ, ମଗ୍ନମାଟି, କୈବର୍ତ୍ତ, ସଂସ୍କୃତି, ନୌବାଣିଜ୍ୟ, ପରମ୍ପରା, ଅତୀତ, ଜନସମୁଦାୟ, ଓଡ଼ିଆ ସାହିତ୍ୟ, ଓଡ଼ିଆ ଉପନ୍ୟାସ।

ABSTRACT

**ସାରାଂଶ:** *ଅପଭ୍ରଂଶର ଉତ୍ତର କାଳରେ ରଚିତ ଚର୍ଯ୍ୟାପଦ ଓଡ଼ିଆ ଭାଷାର ଆଦ୍ୟ ନିଦର୍ଶନ ରୂପେ ଗୃହୀତ। ଏହାର ଉଦ୍ଧାରକର୍ତ୍ତା ଥିଲେ ବଙ୍ଗଳାର ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ। ଉଦ୍ଧାର ସ୍ଥାନ ଥିଲା ନେପାଳର ରାଜଦରବାର। ଶାସ୍ତ୍ରୀ ମହାଶୟ ଯେଉଁ ପୋଥି ପାଇଥିଲେ ସେଥିରେ ଦୁଇପ୍ରକାର ବିଷୟ ଥିଲା। ଗୋଟିଏ ଧର୍ମ ସମ୍ବନ୍ଧୀୟ ବିଧି ନିଷେଧ ବିଷୟକ ଗୀତ ଓ ଅପରଟି ଦୋହା। ଶାସ୍ତ୍ରୀ ମହାଶୟ ଏହାର ନାଁ ଦେଲେ 'ବୌଦ୍ଧଗାନ ଓ ଦୋହା'। ଧର୍ମ, ଭାଷାତତ୍ତ୍ୱ, ଜୀବ ଓ ଆତ୍ମାର ତାତ୍ତ୍ୱିକ କଥା, ନାରୀ ମଧ୍ୟରେ ନିର୍ବାଣର ପର୍ଯ୍ୟାୟକ୍ରମକୁ ନେଇ ଚର୍ଯ୍ୟାପଦ ଏକ ଚରମ ଚିନ୍ମୟ ଭାବର ଚିତ୍ରଶାଳା ପାଲଟି ଗଲା। ଚର୍ଯ୍ୟାପଦରେ ବର୍ଣ୍ଣିତ ନାରୀ ଚରିତ୍ରମାନେ କେବଳ ସାମାଜିକତା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନୁହଁନ୍ତି ବରଂ ଏକ ଗଭୀର ଆଧ୍ୟାତ୍ମିକ ଭାବନାର ପ୍ରତୀକ। ନାରୀ ଏଠାରେ ପ୍ରଜ୍ଞା ବା ଶକ୍ତିର ମୂଳ ଆଧାର। ପୁରୁଷ ହେଉଛି ଉପାୟର ଅନ୍ୟନାମ। ଉପାୟ ଓ ପ୍ରଜ୍ଞାର ସଂଯୋଗରେ ମୋକ୍ଷ ପ୍ରାପ୍ତି ହୁଏ। ପ୍ରଜ୍ଞାକୁ କେହି କେହି 'ଆତ୍ମା' ଜ୍ଞାନ କରିଥାଆନ୍ତି। 'ପ୍ରେମ' ଏଠାରେ ଆଧ୍ୟାତ୍ମିକ ଏକତ୍ୱବୋଧ। ମିଳନ ହେଉଛି ମୋକ୍ଷର ଅନ୍ୟ ନାମ। ଚର୍ଯ୍ୟାପଦରେ 'ନାରୀ' ଏକ ଗଭୀର ତାତ୍ତ୍ୱିକ ବିଶ୍ଳେଷଣର କଥା। ଏଠାରେ ସେ ଲୌକିକ ଜୀବନଚର୍ଯ୍ୟାର ଅଂଶବିଶେଷ ନୁହେଁ ବରଂ ଆଧ୍ୟାତ୍ମିକ ଶକ୍ତିର ମୂଳ ସ୍ୱରୂପ। ତାନ୍ତ୍ରିକ ବୌଦ୍ଧ ଦର୍ଶନର ଆଧାର ଭୂମିରେ ପରିକଳ୍ପିତ ଚର୍ଯ୍ୟାପଦରେ ବର୍ଣ୍ଣିତ ନାରୀ ଚରିତ୍ରମାନେ କିପରି ନିର୍ବାଣ ପ୍ରାପ୍ତି କରାଇ ପାରନ୍ତି ସେ ସମ୍ପର୍କରେ ଆଲୋଚନା କରିଛି ।*

**୧.୧:** ଚର୍ଯ୍ୟାପଦକୁ ଆଲୋଚନା କରିବା ପୂର୍ବରୁ ବୌଦ୍ଧ ଧର୍ମର ସାଧନତତ୍ତ୍ୱ ସମ୍ପର୍କରେ ଅବଗତ ହେବା। ବୌଦ୍ଧ ଧର୍ମର ବିକାଶ ପର୍ଯ୍ୟାୟରେ ଏହା ଦୁଇ ଭାଗରେ ବିଭକ୍ତ ହେଲା। ହୀନଯାନ ଓ ମହାଯାନ। ହୀନଯାନ ହେଉଛି ବୌଦ୍ଧ ଧର୍ମର ପ୍ରାଚୀନତମ ଧାରାମାନଙ୍କ ମଧ୍ୟରୁ ଗୋଟିଏ ଧାରା। ଏମାନେ ବ୍ୟକ୍ତିଗତ ମୋକ୍ଷକୁ ଅଧିକ ଗୁରୁତ୍ୱ ଦିଅନ୍ତି। ଚାରୋଟି ସତ୍ୟ ଓ ଅଷ୍ଟାଙ୍ଗ ମାର୍ଗ ଉପରେ ଏହା ପର୍ଯ୍ୟବେସିତ। ସତ୍ୟ ଚାରୋଟି ହେଉଛି-ଦୁଃଖ, ଦୁଃଖର କାରଣ, ଦୁଃଖର ନିରାକରଣ ଓ ମୁକ୍ତିର ବାଟ। ଅଷ୍ଟାଙ୍ଗ ମାର୍ଗ ହେଉଛି - ସମ୍ୟକ୍ ଦୃଷ୍ଟି, ସମ୍ୟକ୍ ସଂକଳ୍ପ, ସମ୍ୟକ୍ ବାଣୀ, ସମ୍ୟକ୍ କର୍ମ, ସମ୍ୟକ୍ ଜୀବନ, ସମ୍ୟକ୍ ପ୍ରୟାସ, ସମ୍ୟକ୍ ସ୍ମୃତି, ସମ୍ୟକ୍ ସମାଧି। ହୀନଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ସମସ୍ତ କାମନା, ବାସନାକୁ ତ୍ୟାଗ କରି ମୋକ୍ଷ ପଥର ପଥଚାରୀ ହେବା। ଏମାନେ ଶୂନ୍ୟତାକୁ ଆଦର୍ଶ ବୋଲି ମାନିଲେ। ମହାଯାନୀମାନେ ସମଗ୍ର ଜୀବଜଗତକୁ ଦୁଃଖ, କଷ୍ଟ ଓ ଯନ୍ତ୍ରଣାରୁ ମୁକ୍ତ କରିବା ପାଇଁ ବିଶ୍ୱ ମୁକ୍ତିକୁ ଆଦର୍ଶ ଭାବେ ଗ୍ରହଣ କଲେ। ଶୂନ୍ୟତା ସହ ମହାଯାନୀମାନେ ଆଉ ଦୁଇଟି ଉପାଦାନକୁ ଯୋଡ଼ିଲେ। ତାହା ହେଉଛି କରୁଣା ଓ ପ୍ରଜ୍ଞା। 'କରୁଣା' ହେଉଛି ବୌଦ୍ଧ ଧର୍ମର ଏକ ମୁଖ୍ୟ ନୀତି। ଯାହାର ବିକାଶ ମଣିଷକୁ ମାନବତାମୟ କରିଦିଏ। ମହାଯାନୀମାନେ ନିଜ ମୋକ୍ଷପ୍ରାପ୍ତିକୁ ପଛ କରି ଦେଇ ଜଗତବାସୀଙ୍କ ମୋକ୍ଷ ପାଇଁ କାମନା କରନ୍ତି। ଏହା କରୁଣାର ସର୍ବୋଚ୍ଚ ରୂପ। ଏହାହିଁ କୁଶଳ କର୍ମର ପ୍ରେରଣାଦାୟକ 'ମହାକରୁଣା'।[୧]

ସମୟକ୍ରମେ ମହାଯାନୀମାନେ ଦୁଇ ଭାଗରେ ବିଭକ୍ତ ହେଲେ- ପାରମିତାନୟ ଓ ମନ୍ତ୍ରନୟ। ପାରମିତାନୟର ମୂଳ ଧାରଣା ଛଅଟି ଉପାଦାନ ଉପରେ ପର୍ଯ୍ୟବେଶିତ। ଦାନ ପାରମିତା, ଶୀଳ ପାରମିତା, କ୍ଷାନ୍ତି ପାରମିତା, ବୀର୍ୟ୍ୟ ପାରମିତା, ଧ୍ୟାନ ପାରମିତା, ପ୍ରଜ୍ଞା ପାରମିତା। ପାରମିତାନୟର ଅର୍ଥ ହେଉଛି ପରିପୂର୍ଣ୍ଣତାର ମାର୍ଗ ଦ୍ୱାରା ମୋକ୍ଷ ପ୍ରାପ୍ତିର ଉପାୟ ନିରୂପଣ କରିବା। ମନ୍ତ୍ରନୟର ଅର୍ଥ ହେଉଛି ମନ୍ତ୍ର ମାଧ୍ୟମରେ ମୋକ୍ଷପ୍ରାପ୍ତି। ତାନ୍ତ୍ରିକ ସାଧନା ଓ ବିକାଶର କ୍ଷେତ୍ର ହେଲା ମନ୍ତ୍ରନୟ। ସମୟକ୍ରମେ ମନ୍ତ୍ରନୟ ଦୁଇ ଭାଗରେ ବିଭକ୍ତ ହେଲା। ବଜ୍ରଯାନ ଓ କାଳଚକ୍ରଯାନ। ବଜ୍ରଯାନରେ ଗୁରୁ, ଯନ୍ତ୍ର, ମନ୍ତ୍ର ମାଧ୍ୟମରେ ମୋକ୍ଷ ପାଇବାର ପଥ ନିରୂପଣ କରାଗଲା। କାଳଚକ୍ର ଯାନରେ ଜ୍ୟୋତିଷ, ଯୋଗ ଓ ଧ୍ୟାନର

DOI: 10.70541/BAGEESHA/NF2025030502
RESEARCH ARTICLE

ମିଶ୍ରଣ ଉପରେ ଗୁରୁତ୍ୱ ଦିଆଗଲା। କାଳଚକ୍ର ଯାନରେ ବିଶ୍ୱ ଓ ଶରୀର ମଧ୍ୟରେ ସମ୍ବନ୍ଧ ସ୍ଥାପନ କରାଇଥାଏ। 'ସହଜଯାନ' ହେଉଛି ତାନ୍ତ୍ରିକ ବୌଦ୍ଧଧର୍ମର ସହଜ ସାଧନ ପଦ୍ଧତି। ଧ୍ୟାନ ଉପରେ ଓ ଦୈନନ୍ଦିନ ଜୀବନଧାରା ଉପରେ ଏହା ଗୁରୁତ୍ୱ ଦିଏ। ସହଜଯାନର ଉଦ୍ୟୋକ୍ତା ଥିଲେ ଲକ୍ଷ୍ମୀଙ୍କରା। ସେ ଇନ୍ଦ୍ରଭୂତିଙ୍କର ଭଉଣୀ ଓ ଶିଷ୍ୟା। ମନୁଷ୍ୟର ଯୌନ ପ୍ରବୃତ୍ତିକୁ ଉଚ୍ଚତମ ସ୍ତରରେ ପରିଚାଳିତ କରି ନିବୃତ୍ତି ଲାଭକୁ ସୁଗମ କରିବା ହେଉଛି ସହଜଯାନର ଲକ୍ଷ୍ୟ। ଏହାର ସାଧନ ପାଇଁ ଯୌନଚର୍ଯ୍ୟା ଆବଶ୍ୟକ। ଏ ଚର୍ଯ୍ୟାର ପୂର୍ତ୍ତି ପାଇଁ ନାରୀ ଶକ୍ତିର ସାହଚର୍ଯ୍ୟ ପ୍ରୟୋଜନ। ନାରୀ ସମ୍ଭୋଗକୁ ନେଇ ସିଦ୍ଧି ଲାଭର ଯେଉଁ ପନ୍ଥା ପ୍ରବର୍ତ୍ତନ କଲେ, ତାହା କ୍ରମଶଃ ବ୍ୟାପକ ବିଭତ୍ସ ଯୌନକ୍ରିୟାରେ ପରିଣତ ହୋଇ ବୌଦ୍ଧ ଧର୍ମର ଅଧଃପତନର ପଥ ଉନ୍ମୁକ୍ତ କରିଦେଲା।(୨) ସହଜଯାନର 'ବୋଧିଚିତ୍ତ' ହେଉଛି ସାଧକର ପରମ ସାଧ୍ୟ। ବୋଧିଚିତ୍ତର ଆକ୍ଷରିକ ଅର୍ଥ- 'ବୋଧି' (ଜ୍ଞାନ ବା ବୁଦ୍ଧତ୍ୱ), 'ଚିତ୍ତ'- 'ମନ'। ଅର୍ଥାତ୍ ସକଳ ଜୀବଜଗତର ମଙ୍ଗଳ ପାଇଁ ବୁଦ୍ଧତ୍ୱ ପ୍ରାପ୍ତ କରିବାର ଇଚ୍ଛାକୁ 'ବୋଧିଚିତ୍ତ' କୁହାଯାଏ। ଶୂନ୍ୟତା ଓ କରୁଣାର ଅଭିନତ୍ୱ ହିଁ ବୋଧିଚିତ୍ତ। ଏହା ଉପରେ ତାନ୍ତ୍ରିକ ବୌଦ୍ଧଧର୍ମ ପର୍ଯ୍ୟବେଶିତ। ଏହି ଶୂନ୍ୟତା ଓ କରୁଣା ହେଉଛନ୍ତି ନାରୀ ଓ ପୁରୁଷ। ନାରୀର ଅର୍ଥ ପ୍ରଜ୍ଞା, ଜ୍ଞାନ, ବୁଦ୍ଧି। ସତ୍ୟକୁ ବୁଝିବାର ଏକ ଶକ୍ତି। ଯାହା ଶୂନ୍ୟତାକୁ ଅନୁଭବ କରାଏ। ପୁରୁଷ ହେଉଛି କ୍ରିୟାଶୀଳତା ଓ ଉପାୟ। କାର୍ଯ୍ୟ ଓ ପଦ୍ଧତି। ଜ୍ଞାନକୁ ପ୍ରୟୋଗ କରିବାର ଶକ୍ତି ବା ପ୍ରୟାସ। ଏ ଦୁହିଁଙ୍କ ମିଳନ ହେଉଛି ବୋଧିଚିତ୍ତ। ଯାହାକୁ ଇଂରାଜୀରେ 'Enlightenment' କୁହାଯାଏ।

**୧.୨:** ଚର୍ଯ୍ୟାପଦରେ ବର୍ଣ୍ଣିତ ନାରୀ ଚରିତ୍ରମାନେ ହେଲେ ଚାଣ୍ଡଳୀ, ଡ଼ୋମ୍ବୀ, ଶବରୀ, ସହଜ ସୁନ୍ଦରୀ, ନୈରାମଣୀ ଦେବୀ। ଏମାନେ ତନ୍ତ୍ରୋକ୍ତ ଯୋଗିନୀ ଶକ୍ତିର ନାମ ମାତ୍ର। ଗୁପ୍ତ ଆଧ୍ୟାତ୍ମିକ ତତ୍ତ୍ୱକୁ ଏମାନେ ପ୍ରତିଷ୍ଠିତ କରାନ୍ତି। ସାଧକର ସହଚରୀ ସାଜି ଶୂନ୍ୟତା ଓ ସତ୍ୟର ଅନୁଭବକୁ ସୂଚାନ୍ତି। ଏମାନେ ଭିନ୍ନ ନାମଧାରୀ। କିନ୍ତୁ ଶକ୍ତି ତନ୍ତ୍ର ଅନୁସାରେ ଏମାନେ ଶିବଙ୍କ ଘରଣୀ। ବୌଦ୍ଧ ତନ୍ତ୍ରରେ ସହଜସୁନ୍ଦରୀ ନୈରାମଣି ବଜ୍ରସତ୍ତ୍ୱଙ୍କ ଗୃହିଣୀ ହେଲେ ମଧ୍ୟ କାବ୍ୟରେ ଅନେକ ସ୍ଥାନରେ ସିଦ୍ଧି ଆଶାୟୀ ତାନ୍ତ୍ରିକର ସାଧନା ସଙ୍ଗିନୀ ପ୍ରେମିକା ଭାବରେ ପରିକଳ୍ପିତା।(୩)

ଚର୍ଯ୍ୟାପଦରେ ଶିବ ହେଉଛନ୍ତି ବଜ୍ରଧର। ଶବରୀ, ନୈରାମଣି, ଚାଣ୍ଡାଳୀଙ୍କୁ ଦେଖନ୍ତି। ଚିହ୍ନନ୍ତି। ଲୀଳାଖେଳା ମଧ୍ୟ କରନ୍ତି। ଦେବୀ ସହଜାନନ୍ଦ ପ୍ରାପ୍ତି ନିମନ୍ତେ ମୂଳାଧାରରେ ଜାଗ୍ରତ ହୁଅନ୍ତି। ଏଥିନିମନ୍ତେ ଷଡ଼ଚକ୍ର ସାଧନାର ଆବଶ୍ୟକତା ରହିଛି। ମୂଳାଧାର ହେଉଛି ମଳଦ୍ୱାର। ଲିଙ୍ଗ, ନାଭି, ହୃଦୟ, କଣ୍ଠ ଓ ଲଲାଟରେ ସୂକ୍ଷ୍ମ ଭାବରେ ଷଡ଼ଚକ୍ରର ସ୍ଥିତି ବିଦ୍ୟମାନ। ପ୍ରଥମ ଚକ୍ର ମଳଦ୍ୱାରରେ (ମୂଳାଧାର), ଦ୍ୱିତୀୟ ଚକ୍ର ଲିଙ୍ଗ ଦ୍ୱାରରେ (ସ୍ୱାଧିଷ୍ଠାନ) ତୃତୀୟ ଚକ୍ର ନାଭି ଦେଶରେ (ମଣିପୁର), ଚତୁର୍ଥ ଚକ୍ର ହୃଦୟ ଦେଶରେ (ଅନାହତ) ପଞ୍ଚମ ଚକ୍ର କଣ୍ଠ ଦେଶରେ (ବିଶୁଦ୍ଧ ଚକ୍ର), ଷଷ୍ଠ ଚକ୍ର ଲଲାଟରେ (ଆଜ୍ଞାଚକ୍ର) ଓ ମସ୍ତକର ଶେଷ ଭାଗରେ ସହସ୍ର ଦଳ ପଦ୍ମ ବିରାଜିତ। ସାଧକ ନିଃଶ୍ୱାସ ପ୍ରଶ୍ୱାସକୁ ନିୟନ୍ତ୍ରିତ କରି କୁଣ୍ଡଳିନୀ ଶକ୍ତିକୁ ମୂଳାଧାର ଚକ୍ରରୁ ଉତ୍ଥିତ କରାଇ ସ୍ୱାଧିଷ୍ଠାନ-ମଣିପୁର-ଅନାହତ-ବିଶୁଦ୍ଧ-ଆଜ୍ଞାଚକ୍ର ମଧ୍ୟ ଦେଇ ସହସ୍ରାର ଚକ୍ର ମଧ୍ୟକୁ ନେଇ ଆନନ୍ଦ ଲାଭ କରେ। ସହସ୍ରାର ଚକ୍ରରେ ସୂର୍ଯ୍ୟ ସମତେଜୀୟାନ, କୋଟିଚକ୍ର ପରି ସୁଶୀତଳ, ନିର୍ମଳ ଶ୍ୱେତ ବର୍ଣ୍ଣ ପାରଦ ସଦୃଶ କମନୀୟ। ମହାକୁଣ୍ଡଳିନୀ ସଂଯୁକ୍ତ ପରମାତ୍ମା ପରମ ଶିବ ବାସ କରନ୍ତି। ତାଙ୍କ ସହିତ ନାଦରୂପୀ କୁଣ୍ଡଳିନୀ ଶକ୍ତିର ଯେଉଁ ମିଳନ ହୁଏ ତାହାକୁ ମୈଥୁନ କୁହାଯାଏ। ଏହି ସହସ୍ରାର ଚକ୍ର ମସ୍ତକର ଉପରି ଭାଗରେ ଓଲଟ ପଦ୍ମ ପରି ରହିଥାଏ। କୁଣ୍ଡଳିନୀ ଶକ୍ତି ସହ ସଂଗ୍ରାମରେ ପ୍ରସ୍ଫୁଟିତ ହେଲେ ସାଧକ ଚରମ ଆନନ୍ଦ ପାଇଥାଏ। ଯୋଗିନୀ ତନ୍ତ୍ରର ଷଷ୍ଠ ପଟଳ ଅନୁଯାୟୀ - "ସହସ୍ରାରୋପରି ବିନ୍ଦୌ କୁଣ୍ଡଲ୍ୟା ମେଳନଂ ଶିବେ/ମୈଥୁନଂ ପରମଂ ଦ୍ରବ୍ୟଂ ଯତୀନାଂ ପରିକୀର୍ତ୍ତିତମ୍।"(୪)

ଚର୍ଯ୍ୟାପଦରେ ଦେବୀ ଜାଗ୍ରତ ହୁଅନ୍ତି ମୂଳାଧାରରେ। ଲକ୍ଷ୍ମୀ ତାଙ୍କର ସହଜାନନ୍ଦ ପ୍ରାପ୍ତି। ନିର୍ମାଣ ଚକ୍ର-ଧର୍ମ-ସମ୍ଭୋଗ ଚକ୍ର ମଧ୍ୟ ଦେଇ ମହାସୁଖ ଚକ୍ରରେ ପରିଭ୍ରମଣ କରନ୍ତି। ସେ ସମୟରେ ଦେବୀ ସୂକ୍ଷ୍ମ ରୂପଧାରୀ। ସେତେବେଳେ ସେ ଡ଼ୋମ୍ବୀ। ଅସ୍ପୃଶ୍ୟା। ତାଙ୍କୁ ଧରିବା ପାଇଁ ହେଲେ ସାଧକକୁ ଆବରଣ ହୀନ ଉଲଙ୍ଗ ହେବାକୁ ପଡ଼ିବ। ସେ ଉଲଙ୍ଗ ଭାବ ପୁଣି ଶାରୀରିକ ଉଲଙ୍ଗ ନୁହେଁ। ମାନସିକ ସ୍ତରର କଥା। ଅର୍ଥାତ୍ ମନରୁ ସାଂସାରିକ ମୋହ, ମାୟା, ଲୋଭ, ମଦ, ମାଧୁର୍ଯ୍ୟର ଆବରଣ ଖୋଲି ଦେଇ ଅହଂଶୂନ୍ୟ ପାଲଟି ଯିବା। ସେ ସମୟରେ ବଜ୍ରଧର ସାଧକ ଶିବଙ୍କ ସହ ଡ଼ୋମ୍ବୀର ସହଜ ରମଣ ଜନିତ ଆନନ୍ଦ। ଜାଗ୍ରତ ଅବସ୍ଥାରେ ଯେଉଁ ଡ଼େମ୍ବୀ ଅସ୍ପୃଶ୍ୟା ଥିଲା ରମଣାନଳ ସମୟରେ ସେଇ ଡ଼ୋମ୍ବୀ ସ୍ପର୍ଶ୍ୟା ନାରୀ। ଆଦରଣୀୟା ମଧ୍ୟ।(୫) ଡ଼ୋମ୍ବୀଚର୍ଯ୍ୟା ଅନୁଯାୟୀ -"ନଗର ବାହିରେ ଡ଼ୋମ୍ବୀ, ତୋହରି କୁଡ଼ିଆ/ ଛୋଇ ଛୋଇ ଜାହି ସୋ ବ୍ରାହ୍ମଣ ନାଡ଼ିଆ ।୧।/ଆଲୋ ଡ଼ୋମ୍ବୀ ତୋଏ ସମ କରିବୋ ମୋ ସାଂଗ/ ନିଘିନ କାହ୍ନୁ କାପାଳି ଯୋଇ ଲାଂଗ ।୨।/ ଏକସୋ ପଦୁମା, ଚୌଷଠୀ ପାଖୁଡ଼ୀ/ ତହିଁ ଚଡ଼ି ନାଚଅ ଡ଼େମ୍ବୀ ବାପୁଡ଼ୀ ।୩।/ ଆଲୋ ଡୋମ୍ବୀ ତୋ ପୁଚ୍ଛମି ସଦ୍‌ଭାବେ/ ଆଇସସି ଯାସି ଡୋମ୍ବୀ କାହାରି ନାବେ ।୪।/ ତାଂତି ବିକଣରେ ଡୋମ୍ବୀ ଅବର ନା ଚାଂଗେଡ଼ା/ ତୋହର ଅନ୍ତରେ ଛାଡ଼ି ନଡ ପେଡା ।୫।/ ତୁ ଲୋ ଡ଼ୋମ୍ବୀ ହାଉଁ କପାଳୀ/ ତୋହର ଅନ୍ତରେ ଘେଣିଲି ହାଡ଼େରି ମାଳୀ ।୬।/ ସରୋବର ଭାଂଜିଆ ଡ଼ୋମ୍ବୀ ଖାଅ ମୋଲାଣ/ ମାରମି ଡୋମ୍ବୀ ଲେମି ପରାଣ ।୭।

ପୂର୍ବଭାରତୀୟ ପୃଷ୍ଠପଟ୍ଟରେ ଅପଭ୍ରଂଶ ଭାଷାବଦ୍ଧ ଏହି ଚର୍ଯ୍ୟାପଦରେ ବାହ୍ୟରୂପ ପ୍ରେମ ଗୀତିକାର ପ୍ରମାଦ ସୃଷ୍ଟି କରୁଥିଲେ ହେଁ ଅନ୍ତର୍ନିହିତ ମର୍ମରେ ଜୀବ ଓ ଆତ୍ମାର କରୁଣ ଅନ୍ତସ୍ୱର। ଚିରନ୍ତନ ବୈରାଗାବୋଧର ପ୍ରତିଲିପି। ନଗର ବାହାରୁ ଘଞ୍ଚ ଜଙ୍ଗଲରୁ ଥିବା ପର୍ବତ ଚୂଡ଼ାରୁ ଚିତ୍ରପ୍ରତିମା ତୁଲ୍ୟ ନୈରାମଣୀ ଦେବୀ ଆସିବେ। ନାଆଟିଏ ବାହି ବାହିରତି ପ୍ରତୀକ୍ଷିତ ରସିକ ନାଗର ପାଖକୁ। ଅପେକ୍ଷାରତ ପ୍ରାଣ ପାଇଁ ଆବେଗମୟ ଆବେଦନ ନିଶ୍ଚୟ। ମହାସୁଖର ମହିମ୍ନ ଆବେଦନ ମଧ୍ୟ ଗୀତିକାରେ ପରିଲକ୍ଷିତ। ଚଉଷଠୀ ପାଖୁଡ଼ା ବିଶିଷ୍ଟ ପଦ୍ମ ଉପରେ ଡ଼ୋମ୍ବୀ ନାଚୁଛି। ନୃତ୍ୟରତା ଡ଼ୋମ୍ବୀ ସହ ମିଳିତ ହେବା ପାଇଁ ଶିବ ରୂପୀ ସାଧକଙ୍କୁ ଲଜ୍ଜ୍ୟା ତ୍ୟାଗ କରି ଦିଗମ୍ବର ଯୋଗୀ ହେବାକୁ ପଡ଼ିବ ।

ଶବରୀପାଙ୍କ ଚର୍ଯ୍ୟାର ଆଲୋଚନା କଲେ ଜୀବ ଓ ଆତ୍ମାର ପ୍ରତୀକ ସ୍ୱରୂପ ଉଭା ହୁଅନ୍ତି ଶବର-ଶବରୀ। ଦାମ୍ପତ୍ୟ ପ୍ରେମର ସୁନ୍ଦର ପରିଭାଷାଟିଏ ପରିବେଷଣ କରନ୍ତି। ସାଧନାର ସର୍ଜନୀକୁ ସାଂସାରିକ ସାଙ୍କେତିକତା ମଧ୍ୟରେ ଏକ ପରିଚ୍ଛନ୍ନ

ରୂପ ପ୍ରକାଶ କରନ୍ତି। ପ୍ରେମଚର୍ଯ୍ୟା ଫୁଟି ଉଠିଛି ଶବରୀପାଙ୍କ ଅନୁଲେଖନରେ - "ଉଁଚା ଉଁଚା ପାବତ ତହିଁ ବସଇ ସବରୀ ବାଳୀ-/ମୋ ରଂଗୀ ପୀଚ୍ଛ ପରହିଣ ସବରୀ ଗିବତ ଗୁଂଜରୀ ମାଳୀ ।୧।/ ଉମତ ସବରୋ ପାଗଳ ସବରୋ ମାକର ଗୁଳୀ ଗୁହାଡା ତୋହରି/ ଣିଅ ଘରଣୀ ନାମେ ସହଜ ସୁନ୍ଦରୀ।" ଚର୍ଯ୍ୟା ବର୍ଣ୍ଣିତ ସହଜ ସୁନ୍ଦରୀ ନୈରାମଣୀ, ମାତଙ୍ଗୀ, ମାନେ ଶୁଂକିନୀ ଓ ଶବରୀ ନାମରେ ଉଲ୍ଲିଖିତ ହୋଇଛନ୍ତି। "ଗଙ୍ଗା ଯମୁନା ମଝିରେ ବହଇ ନଈ/ ତହିଁ ଜୋଡ଼ିଲି ମାତଙ୍ଗୀ ବୁଇ ଆଲୀଲେ ପାର କରଇ।"(୬)

'ମାତଙ୍ଗୀ' ତନ୍ତ୍ରୋକ୍ତ ଦଶ ମହାବିଦ୍ୟା ମଧ୍ୟରୁ ଅନ୍ୟତମା। ଚର୍ଯ୍ୟାପଦର ପୁରାଣର ଦେବୀ କିରାତୀ ଓ ଶବରୀ ରୂପରେ ଚିତ୍ରିତ ହୋଇଛନ୍ତି। ଶିବଙ୍କର ଶବର ରୂପ ମହାଭାରତ ଓ କିରାତାର୍ଜୁନୀୟ ଗ୍ରନ୍ଥରେ ଦେଖିବାକୁ ମିଳେ। ମହାଭାରତର ବନପର୍ବରେ ପାଣ୍ଡବମାନଙ୍କ ବନବାସ ସମୟରେ ଅର୍ଜୁନ ଦିବ୍ୟାସ୍ତ୍ର ପ୍ରାପ୍ତି ପାଇଁ ହିମାଳୟକୁ ଯାଇ କଠୋର ତପସ୍ୟା କରନ୍ତି। ଅର୍ଜୁନଙ୍କ ତପସ୍ୟା ଓ ଯୋଗ୍ୟତା ପରୀକ୍ଷା କରିବା ପାଇଁ ଶିବ କିରାତ ରୂପ ଧାରଣ କରନ୍ତି। ଭାରବୀଙ୍କ କିରାତର୍ଜୁନୀୟରେ ଶିବଙ୍କ କିରାତ ରୂପକୁ କାବ୍ୟମୟ ଓ ଆଳଙ୍କାରିକ କରିଛନ୍ତି। କିରାତମାନଙ୍କର ଜୀବନ ଅରଣ୍ୟ-ପରିବେଶ, ପାର୍ବତ୍ୟ ସଂସ୍କୃତି ଓ ଶିକାର ପ୍ରଣାଳୀର ଚମତ୍କାର ବର୍ଣ୍ଣନା କରିଛନ୍ତି। ଚର୍ଯ୍ୟାପଦର ଶବରୀ-ଶବର ମଧ୍ଯ ପର୍ବତବାସିନୀ। ଶବର-ଶବରୀ ପ୍ରେମ ଚର୍ଯ୍ୟାର ରଚୟିତା ଶବରୀପା। ଉକ୍ତ ଚର୍ଯ୍ୟାରେ ଶବର ଶବରୀଙ୍କ ଦାମ୍ପତ୍ୟ ଜୀବନ, ଗୃହତ୍ୟାଗ ପ୍ରସଙ୍ଗର ଅନ୍ତରାଳରେ ହର ପାର୍ବତୀଙ୍କ ଗାର୍ହସ୍ଥ୍ୟ ଜୀବନର କଥାକୁ ବ୍ୟକ୍ତ କରୁଛି ।

ଶବର-ଶବରୀ ମଧ୍ଯ ଜୀବ-ଆତ୍ମାର ମୂର୍ତ୍ତିମନ୍ତ ପ୍ରତୀକ। ଦାମ୍ପତ୍ୟ ପ୍ରେମର ପରମ ପରିବେଶ ମଧ୍ୟରେ ପରିକଳ୍ପିତ ଚରମ ଚିନ୍ମୟପଣର ଚିତ୍ର। ଏହି ଚିତ୍ର ମଧ୍ୟରେ ଜୀବନ୍ତ ହୋଇ ଉଠିଛି ଜୀବର ଜାଗ୍ରତାୟନ ପାଇଁ ଆତ୍ମାର ଅନୁପ୍ରେରଣା। ସାଧନାର ସର୍ଜନା ସାଂସାରିକ ସାଙ୍କେତିକତାରେ ସମାହିତ। ପ୍ରେମଚର୍ଯ୍ୟା ଭିତରେ ପରମ ଚର୍ଯ୍ୟାର ମରମ କଥା। ଏଇ କଥାର ଆବରଣ ହେଉଛି ବୈରାଗ୍ୟ ଲାଭ। ବୌଦ୍ଧ ତତ୍ତ୍ୱର 'ନିର୍ବାଣ' ପରବର୍ତ୍ତୀ ସମୟରେ ପରିସ୍ଥିତି ଅନୁଯାୟୀ ହୋଇପଡ଼ିଛି 'ତନୁ'ର ଅଧିଷ୍ଠନ। ଯୋଗାଚାରରୁ ଯୌନାଚାର ହୋଇଛି ସହଜଯାନର ସ୍ୱାଭାବିକ ସ୍ୱଚ୍ଛନ୍ଦ ଯାତ୍ରା। ଏହି ଯାତ୍ରାର ଆରମ୍ଭ ବଣ ପାହାଡ଼ରୁ। ଶେଷ ହୋଇଛି ଜନପଦରେ। ନିର୍ବାଣର ଜୟଯାତ୍ରା ମଧ୍ୟରେ 'ମହାସୁହ' ବା 'ମହାସୁଖ'କୁ ଆପଣେଇ ନେଇଛି। ନିର୍ବାଣ ତତ୍ତ୍ୱର ସିଦ୍ଧ ଚରୁଅନ୍ନ ହେଉଛି ଏଇ 'ମହାସୁଖ' ।

ଚର୍ଯ୍ୟାପଦରେ ବର୍ଣ୍ଣିତ ସାଧନ ପଦ୍ଧତି ଶିବଶକ୍ତି ତତ୍ତ୍ୱର ବର୍ଣ୍ଣିତ ରୂପ କେବଳ ନୁହେଁ, ବରଂ ଶବର-ଶବରୀ ଜୀବନଚର୍ଯ୍ୟା। ଶୈବ ସାହିତ୍ୟରେ ପରବର୍ତ୍ତୀ ସମୟରେ ସ୍ଥାନିତ ହୋଇଥିବା ଶିବ-ପାର୍ବତୀଙ୍କ ଗୃହସ୍ଥ ଜୀବନର ଚିତ୍ର। ମୈଥିଳୀ ଭାଷାର କବି ବିଦ୍ୟାପତିଙ୍କର ଶିବ-ପାର୍ବତୀଙ୍କୁ ନେଇ ରଚିତ ପଦାବଳୀରେ ମଧ୍ଯ ଗୃହସ୍ଥ ଜୀବନର ଚିତ୍ର ପ୍ରତିଫଳିତ ।(୭) ଚୌରାଅଶୀ ଜଣ ସିଦ୍ଧ ସାଧକର ଚେତନାକୁ ନେଇ ଅଗ୍ରଗାମୀ ହୋଇଛି 'ସହଜ ସାଧନା'। ଆଜି ନାରୀର ଉତ୍ତର ଅନୁଗାମୀ - ଡ଼ୋମ୍ବୀ, ଶବରୀ, ଶୁଙ୍କିନୀ, ଚଣ୍ଡାଳୁଣୀ - ଅରଣ୍ୟର ଅନ୍ତେବାସିନୀ ପାଲଟିଛନ୍ତି ସହଜ ସାଧନା ସଂଗିନୀ। ମହାସୁଖର ମହାମୁଦ୍ରା। ଚର୍ଯ୍ୟା ପରେ ଚିତ୍ର ପ୍ରତିମାମାନଙ୍କ ଠାରେ ସମ୍ଭାବନାର ସମାପ୍ତି ନଥିଲା। ଆଜୀବନ ସେମାନେ ଅପେକ୍ଷାରତ। ଜୀବନର ଅୟୁତ ଆଶା ଅନ୍ତର୍ହିତ ହୋଇଯାଇଥିବା ଏକ ସାଧାରଣ ନାରୀ ଜୀବନର ସର୍ବୋତ୍ତମ ସତ୍ୟପାଠ ହିଁ ହେଉଛି ଚର୍ଯ୍ୟାପଦ ।

## ସଂକେତ ସୂଚୀ :


୧) ଭାରତରେ ଶକ୍ତି ସାଧନା ଓ ଶାକ୍ତ ସାହିତ୍ୟ, ଶଶିଭୂଷଣ ଦାସଗୁପ୍ତା, ପୃ. ୧୩୩ ।

୨) ଧଉଳି ଇତିହାସ, ପୃଷ୍ଠା ୯୫-୯୭ ।

୩) ଚର୍ଯ୍ୟାଗୀତି ପରିଚୟ, ସତ୍ୟବ୍ରତ ଦେ, ପୃ. ୩୩ ।

୪) ଯୋଗିନୀ ତନ୍ତ୍ର - ୬/୪୦ ।

୫) ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ - ଡ଼ୋମ୍ବୀ ପାଦାନାମ୍, ପୃ. ୪୧୯।

୬) ଡୋମ୍ବୀଚର୍ଯ୍ୟା - ନଂ. ୧୦ ।

୭)Vidyapati, Edited by K.M. Mitra.



**Cite this Article :**

Dash, Bijayalaxmi, "*Nariru Nirban: Charjyapadara Chitralipi*", Bageesha, Vol. No. 03, Issue No. 05, Sep-Oct 2025, Article No: BM2025/NF05-A002| Page- 54-56| DOI: https://doi.org/10.70541/BAGEESHA/NF2025030501